# NATIONAL NEWS BULLETIN (ODIA)

**12 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସଂସଦରେ ସ-ହୃଦୟତା ଓ ଶାନ୍ତି ବଜାୟ ରଖିବା ଦିଗରେ ବାଚସ୍ପତି ନିରପେକ୍ଷ ଭାବେ ନିୟମ ଅନୁଯାୟୀ କାର୍ଯ୍ୟ କରୁଛନ୍ତି - କହିଲେ ଓମ୍ ବିର୍ଲା ।

- ଦେଶରେ କୃଷି କ୍ଷେତ୍ରରେ ମହିଳାମାନଙ୍କୁ ପ୍ରାଧାନ୍ୟ ଦେବା ସେମାନଙ୍କର ଭୂମିକାକୁ ଅଧିକ ମଜଭୁତ କରିଛି -କହିଲେ ରାଷ୍ଟ୍ରପତି ।

- ଆସନ୍ତାକାଲି ଦୁଇଦିନିଆ ଗସ୍ତରେ ଆସାମ ଯିବେ ପ୍ରଧାନମନ୍ତ୍ରୀ ।

- ପିଏମ୍ କିଶାନ ସମ୍ମାନନିଧି ଯୋଜନାରେ ୧୮ହଜାର ୬୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ବଣ୍ଟନ କରିବେ ।

ଏବଂ

- ଭାରତୀୟ ଟେଷ୍ଟ ଏବଂ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍‌ର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ବିସିସିଆଇ ପକ୍ଷରୁ ଶ୍ରେଷ୍ଠ କ୍ରିକେଟର ଘୋଷଣା ।

---

## ଏଲ୍ଏସ୍-ଲୋକସଭା

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ସବୁ ସମୟରେ ଗୃହରେ ନିରପେକ୍ଷ, ଶୃଙ୍ଖଳା ଏବଂ ନିୟମ ଅନୁଯାୟୀ ସେ କାର୍ଯ୍ୟ କରୁଛନ୍ତି ।

ଗତକାଲି ତାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇବା ପରେ ଆଜି ଶ୍ରୀ ବିର୍ଲା କହିଛନ୍ତି ଗୃହମଧ୍ୟରେ ସହୃଦୟତା ଓ ଶାନ୍ତି ବଜାୟ ରଖିବା ଦିଗରେ ସେ ଚେଷ୍ଟା କରୁଛନ୍ତି । ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି ଆଲୋଚନା କାଳରେ ସମସ୍ତ ସଦସ୍ୟଙ୍କୁ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଇଛି ।

**V/O (OM Birla)**

ବିରୋଧୀଦଳ ମୁଖ୍ୟଙ୍କୁ କହିବା ପାଇଁ ସୁଯୋଗ ନ ଦେବା ଅଭିଯୋଗକୁ ଖଣ୍ଡନ କରି ଶ୍ରୀ ବିର୍ଲା କହିଛନ୍ତି ବିରୋଧୀଦଳ ଓ ଶାସକ ଦଳ ସଦସ୍ୟଙ୍କର କହିବାର ସୁଯୋଗ ରହିଛି ଏବଂ ନିୟମାନୁଯାୟୀ କରାଯାଉଛି । ଅନ୍ୟପକ୍ଷରେ ବିରୋଧୀଦଳ ସଦସ୍ୟମାନେ କହିଲାବେଳେ ସେମାନଙ୍କ ମାଇକ୍ରୋଫୋନ ସୁଇଚ୍ ବନ୍ଦ କରିଦିଆଯାଉଥିବା ଅଭିଯୋଗକୁ ପ୍ରତ୍ୟାଖାନ କରି ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି ମାଇକ୍ରୋଫୋନ୍ ବନ୍ଦ କରିବା ବଟନ ତାଙ୍କ ପାଖରେ ନାହିଁ ।

# ଲୋକସଭା-ଆଡଜର୍ଣ୍ଣଡ

ଲୋକସଭାରେ ଆଜି ଏଲ୍‌ପିଜି ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ଦ୍ୱାରା ହଙ୍ଗଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ।

# ରାଜ୍ୟସଭା-ଫାରୁକ

ଜାମ୍ମୁ-କାଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ ଅବଦୁଲ୍ଲାଙ୍କ ଉପରେ ହୋଇଥିବା ଆକ୍ରମଣର ତଦନ୍ତ କରାଯିବ ବୋଲି ଆଜି ରାଜ୍ୟସଭାରେ ଦଳର ନେତା ଜେ.ପି. ନଡ୍ଡା କହିଛନ୍ତି । ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏହି ପ୍ରସଙ୍ଗ ଉତ୍‌ଥାପନ କରିବା ପରେ ଶ୍ରୀ ନଡ୍ଡା କହିଛନ୍ତି ସରକାର ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାର କରୁଛନ୍ତି ଏବଂ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରାଯିବ ବୋଲି ଗୃହକୁ ଆଶ୍ୱାସନା ଦେଇଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସରକାର ସମ୍ପୂର୍ଣ୍ଣ ତଦନ୍ତ କରିବା ଲାଗି ପ୍ରତିବଦ୍ଧ । ଦେଶର ସମସ୍ତ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଶ୍ରୀ ଫାରୁକଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ ଗୃହକୁ ଅବଗତ କରାଇଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନଡ୍ଡା ଏହି ଘଟଣାକୁ ରାଜନୈତିକ ରୂପ ଦେଉଥିବାରୁ ବିରୋଧୀଦଳ ଗୁଡ଼ିକୁ ସମାଲୋଚନା କରିଛନ୍ତି । ଆଜି ଶୂନ୍ୟକାଳରେ ଜାମ୍ମୁକାଶ୍ମୀରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଥିବା ନେଇ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଘଡଗେ ଅଭିଯୋଗ କରିବା ପରେ ଶ୍ରୀ ନଡ୍ଡା କହିଥିଲେ ଯେ କୌଣସି ପ୍ରମାଣ ନଥାଇ ଅଭିଯୋଗ କରିବା ବିରୋଧୀଦଳ ଗୁଡ଼ିକର ମାନସିକତା ପାଲଟିଛି ।

## ପ୍ରେଜ୍-ଏଗ୍ରି କନ୍‌ଫରେନ୍ସ

କୃଷି ଖାଦ୍ୟ ବ୍ୟବସ୍ଥାରେ କୃଷି କ୍ଷେତ୍ରରେ ସାମିଲ ମହିଳାମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶ କରିବା ଲାଗି ସେମାନଙ୍କୁ ଉତ୍ସାହିତ କରିବା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ନୂଆଦିଲ୍ଲୀରେ କୃଷି ଖାଦ୍ୟ ଶୃଙ୍ଖଳାରେ ମହିଳାଙ୍କ ଯୋଗଦାନ ଶୀର୍ଷକ ବିଶ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରି ରାଷ୍ଟ୍ରପତି କହିଛନ୍ତି ଭାରତ' ମହିଳା ସମର୍ଥିତ କୃଷି ବିକାଶ ଉପରେ ଗୁରୁତ୍ୱ ଦେଉଛି । ନୀତି ନିର୍ଦ୍ଧାରଣ ଏବଂ ନେତୃତ୍ୱ ବିକାଶ କ୍ଷେତ୍ରରେ କୃଷି କ୍ଷେତ୍ର ମହିଳାଙ୍କ ଭୂମିକାକୁ ଆହୁରି ଦୃଢ଼ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଆଗାମୀ ଦିନରେ କୃଷିର ସମସ୍ତ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ସମାବେଶୀ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି ।

## ଶିବରାଜ-ପିଏମ୍ କିଶାନ ସମ୍ମାନ ନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇଦିନିଆ ଆସାମ ଗସ୍ତରେ ଯିବେ । ସେଠାରେ ଶ୍ରୀ ମୋଦୀ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ କୋକ୍ରାଝରରେ ପ୍ରଧାନମନ୍ତ୍ରୀ ରେଳକୋଚ ମରାମତି କାରଖାନା, ୩ଟି ସେତୁ ଏବଂ ବୋଡୋ ଟେରିଟୋରିଆଲ ଅଞ୍ଚଳରେ ୩ଟି ନୂଆ

ରେଳଲାଇନ୍‌ର ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ ।

ସଂଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଆହାଟୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ସେଠାରେ ଶ୍ରୀ ମୋଦୀ ଯୋଗ୍ୟ ଚା ବଗିଚା ଶ୍ରମିକଙ୍କୁ ଜମିପଟା ବଣ୍ଟନ କରିବେ । ଏଥିସହିତ ୧୫୦ ମେଗାୱାଟ ବିଶିଷ୍ଟ କୋପିଲି ଜଳବିଦ୍ୟୁତ୍ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିବେ । ଏହି ଅବସରରେ ପ୍ରାୟ ୧୦ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ସହ ଉତ୍ସର୍ଗ କରାଯିବ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତିସ୍ୱରୂପ ୯ କୋଟି ୩୨ଲକ୍ଷରୁ ଅଧିକ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୧୮ହଜାର ୬୪୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଗସ୍ତର ପ୍ରଥମଦିନ ଶ୍ରୀ ମୋଦୀ ଗୁଆହାଟୀସ୍ଥିତ ରାଜ୍ୟ ଅତିଥି ଭବନରେ ରାତ୍ରିଯାପନ କରିବେ ।

ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ସିଲଚର ଯାଇ ୨୪ହଜାର ୨୦୫ କୋଟି ଟଙ୍କା ସମ୍ବଳିତ ୩ଟି ପ୍ରମୁଖ ପ୍ରକଳ୍ପର ଶୁଭାରମ୍ଭ କରିବେ । ସଂଧ୍ୟାରେ ପ୍ରଧାନମନ୍ତ୍ରୀ ଆସାମରୁ କୋଲକାତା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

# ଭିପି-ଦାଣ୍ଡି ମାର୍ଚ୍ଚ

ଐତିହାସିକ ଦାଣ୍ଡି ମାର୍ଚ୍ଚ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକୃଷ୍ଣନ କହିଛନ୍ତି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମସିହାର ଆଜିର ଦିନରେ ଦାଣ୍ଡି ସତ୍ୟାଗ୍ରହ ଆରମ୍ଭ ହୋଇଥିଲା । ସେହିଠାରୁ ହିଁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ପଡିଥିଲା । ଉପରାଷ୍ଟ୍ରପତି କହିଛନ୍ତି ଏହି ଆନ୍ଦୋଳନ ସତ୍ୟ ଏବଂ ଅହିଂସାର ବାର୍ତ୍ତା ପ୍ରଚାର କରି କୋଟି କୋଟି ଭାରତୀୟଙ୍କୁ ଏଥିରେ ସାମିଲ ହେବା ଲାଗି ପ୍ରେରଣା ଯୋଗାଇଥିଲା ।

ସଂସ୍କୃତ ଶ୍ଲୋକକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ସତ୍ୟର ଜୟ' ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି । ଶ୍ରୀ ମୋଦୀ କହିଛନ୍ତି ସବୁ ସମୟରେ ସତ୍ୟର ବିଜୟ ହୋଇଥାଏ ଏବଂ ମିଥ୍ୟା ଧ୍ୱଂସ ପାଇଥାଏ । ଏହି ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଶାବରମତୀ ଆଶ୍ରମରୁ ଦାଣ୍ଡିକୁ ଯାତ୍ରା କେବଳ ଐତିହାସିକ ନଥିଲା ବରଂ ଲୁଣ ଆଇନ୍ ବିରୋଧରେ ଏକ ପ୍ରମୁଖ ଆନ୍ଦୋଳନ ଥିଲା ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦାଣ୍ଡି ସତ୍ୟାଗ୍ରହକୁ ସ୍ୱଦେଶୀରେ ପରିବର୍ତ୍ତନର ସୂତ୍ରଧାର କହିବା ସହ ଏହା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଲକ୍ଷ୍ୟ ପରିବର୍ତ୍ତନ ଦିଗରେ ପ୍ରେରଣାଦାୟୀ ହୋଇଥିଲାବୋଲି କହିଛନ୍ତି ।

# ଇରାକ-ଟ୍ୟାଙ୍କର ଆଟାକ

ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତି ତୀବ୍ରତର ହେଉଥିବାବେଳେ ପାରସ୍ୟ ଉପସାଗରରେ ଚଳାଚଳ କରୁଥିବା ବାଣିଜ୍ୟିକ ଜାହାଜ ଉପରେ ଇରାନ ଆକ୍ରମଣ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇରାକସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସେଫ୍-ସି ବିଷ୍ଣୁ ନାମକ ଟ୍ୟାଙ୍କର ଉପରେ ଆକ୍ରମଣ ଯୋଗୁଁ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୧୫ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ଜଣାପଡିଛି । ଦୂତାବାସ ପକ୍ଷରୁ ଇରାକର ଅଧିକାରୀମାନଙ୍କ ସହ ଯୋଗସୂତ୍ର ରକ୍ଷା କରାଯାଇ ଭାରତୀୟ ନାବିକମାନଙ୍କ ଉଦ୍ଧାର ଏବଂ ସହାୟତା ଲାଗି ଉଦ୍ୟମ ଜାରି ରହିଛି । ମୃତ ନାବିକଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି ।

# ମଷ୍ଟ ଆନାଉନ୍ସମେଣ୍ଟ

‘ଆକାଶବାଣୀରେ ଲୋକଙ୍କ ପଦ୍ମ’ ଶୀର୍ଷକ ଧାରାବାହିକର ପରବର୍ତ୍ତୀ ଭାଗରେ ଜମ୍ମୁ-କାଶ୍ମୀରରେ କାର୍ଯ୍ୟ କରୁଥିବା ବ୍ରିଜ୍ ଲାଲ୍ ଭଟ୍ଟଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ବ୍ରିଜ୍ ଲାଲ୍ ଭଟ୍ଟଙ୍କୁ ସାମାଜିକ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତାପାଇଁ ପଦ୍ମଶ୍ରୀ ପ୍ରଦାନ କରାଯିବ । ଏହି ପୋଡ୍‌କାଷ୍ଟ ଆଜି ସନ୍ଧ୍ୟା ୫ଟା ୧୦ ମିନିଟ୍‌ରେ ୧୦୦ ଦଶମିକ

୧ରେ ଆକାଶବାଣୀ ଗୋଲ୍ଡ୍ ଚ୍ୟାନେଲ୍‌ରେ ଶୁଣାଯାଇପାରିବ । ଆସନ୍ତାକାଲି ସକାଳ ୯ଟା ୧୦ମିନିଟ୍‌ରେ ଏହାର ପୁନଃ ପ୍ରସାରଣ କରାଯିବ । News on air App ଏବଂ News on air official ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହି କାର୍ଯ୍ୟକ୍ରମ ଉପଲବ୍ଧ ହେବ ।

## ଇଣ୍ଡିଆ-ୟୁଏସ୍ ଡିଫେନ୍ସ ପାର୍ଟନରସିପ

ଆମେରିକା ସେନାର ଡେପୁଟୀ କମାଣ୍ଡିଂ ଜେନେରାଲ ଜୋଏଲ ବି. ଧାଓ୍ୱେଲ ଭାରତର ସମନ୍ୱିତ ପ୍ରତିରକ୍ଷା ଷ୍ଟାଫ ଏୟାର ମାର୍ଶଲ ମୁଖ୍ୟ ଆଶୁତୋଷ ଦୀକ୍ଷିତଙ୍କ ସହ ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ବୈଠକରେ ଭାରତ-ଆମେରିକା ପ୍ରମୁଖ ପ୍ରତିରକ୍ଷା ସହଭାଗିତା ନେଇ ଆଲୋଚନା ହୋଇଛି । ଆଲୋଚନା ସମୟରେ ଉଭୟ ପକ୍ଷ ସାଇବର ସୁରକ୍ଷା ଦିଗରେ ଭାଗିଦାରିତା ଏବଂ ମହାକାଶ, ସାମୁଦ୍ରିକ ତଥା ଆଞ୍ଚଳିକ ସୁରକ୍ଷା କ୍ଷେତ୍ରରେ ସାମରିକ ସହଯୋଗ ସୁଦୃଢ଼ କରିବା ନେଇ ମତ ବିନିମୟ ହୋଇଛି । ଉଭୟପକ୍ଷ ଦୁଇଦେଶର ସେନାମଧ୍ୟରେ ପାରସ୍ପରିକ ସହଯୋଗ ବିଷୟକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ବିସିସିଆଇ-ଶୁଭମନ ଗିଲ୍

ଭାରତୀୟ ଟେଷ୍ଟ ଏବଂ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍‌ର ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ-ବିସିସିଆଇ ଚଳିତବର୍ଷର ଶ୍ରେଷ୍ଠ କ୍ରିକେଟର ଘୋଷଣା କରିଛି । ଆସନ୍ତା ରବିବାର ଦିନ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ । ୨୬ ବର୍ଷୀୟ ଶୁଭମନ ଗିଲ ୨୦୨୫ରେ ଟେଷ୍ଟ କ୍ରିକେଟରେ ୯୮୩ ରନ୍ ସ୍କୋର କରିଥିବାବେଳେ ଇଂଲଣ୍ଡ ବିପକ୍ଷରେ ୭୫୪ ରନ୍ କରିଥିଲେ । ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍‌ରେ ୪୯୦ ରନ୍ ସ୍କୋର କରିଥିବା ଶୁଭମନ ଚମ୍ପିଆନ୍ସ ଟ୍ରଫିରେ ଭାରତ ପାଇଁ ବିଜୟ ସୂଚକ ୧୮୮ରନ୍ ସ୍କୋର କରିଥିଲେ । କ୍ରିକେଟର ସମସ୍ତ ଫର୍ମାଟରେ ଶୁଭମନ ଗତବର୍ଷ ୧ହଜାର ୭୬୪ ରନ୍ ସହ ୭ଟି ଶତକ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ । ଗୁଜୁରାଟ ଟାଇଟନ୍ସ ପକ୍ଷରୁ ଆଇପିଏଲ୍‌ରେ ସେ ୬୫୦ରନ୍ ସ୍କୋର ହାସଲ କରିଥିଲେ । ଘରୋଇ କ୍ରିକେଟରେ ମୁମ୍ବାଇ କ୍ରିକେଟ ଆସୋସିଏସନକୁ ବିସିସିଆଇ ଶ୍ରେଷ୍ଠ ଆସୋସିଏସନ ଭାବେ ନାମିତ କରିଥିବାବେଳେ ଭାରତୀୟ କ୍ରିକେଟକୁ ଉଲ୍ଲେଖନୀୟ ଅବଦାନ ପାଇଁ ରାହୁଲ ଦ୍ରାବିଡଙ୍କୁ କର୍ଣ୍ଣେଲ ସି.କେ.ନାଇଡୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ ।

## ଏନ୍‌ଟି-ଏଫ୍‌ଆଇଏଚ୍ ହକି

ଭାରତୀୟ ମହିଳା ହକି ଦଳ ଏଫ୍.ଆଇ.ଏଚ୍. ହକି ବିଶ୍ୱକପ୍ ସେମିଫାଇନାଲକୁ ଉନ୍ନୀତ ହୋଇଛି । ଆସନ୍ତାକାଲି ଫାଇନାଲରେ ନିଜର ସ୍ଥାନ ପକ୍କା କରିବା ପାଇଁ ଇଟାଲୀ ସହିତ ଭାରତ ମ୍ୟାଚ୍ ଖେଳିବ । ଗତକାଲି ହାଇଦ୍ରାବାଦରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ପୁଲ-ବି' ମ୍ୟାଚ୍‌ରେ ଭାରତ ୪-୧ ଗୋଲରେ ୱେଲ୍‌ସ୍‌କୁ ପରାସ୍ତ କରିଥିଲା । ଭାରତର ନବନୀତ କୌର ତିନୋଟି ଏବଂ ସାକ୍ଷୀ ରାଣା ଗୋଟିଏ ଗୋଲ୍ ସ୍କୋର୍ କରିଥିଲେ । ପୁଲ୍-ଏ'ର ଅଙ୍କ ତାଲିକାରେ ଇଂଲଣ୍ଡ ୯ ପଏଣ୍ଟ ସହ ଶୀର୍ଷରେ ରହିଥିବାବେଳେ ଇଟାଲୀ ୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ପୁଲ୍-ବି'ରେ ଭାରତ ୭ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ସ୍କଟଲାଣ୍ଡ ସମାନ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି ।

## ବି.ସି.ସି.ଆଇ. - ଆଇ.ପି.ଏଲ୍. - ୨୦୨୬

ଇଣ୍ଡିଆନ୍ ପ୍ରିମିୟର ଲିଗ୍ କ୍ରିକେଟ୍-ଆଇପିଏଲ୍‌ର ଉନ୍ନବିଂଶ ସଂସ୍କରଣ ଚଳିତ ମାସ ୨୮ରୁ ଆରମ୍ଭ ହେବ । ଏପ୍ରିଲ୍ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଆଇ.ପି.ଏଲ୍.ର ପ୍ରଥମ ପର୍ଯ୍ୟାୟ ପାଇଁ ବିସିସିଆଇ କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସମୟ ମଧ୍ୟରେ ତିନୋଟି ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ, ନିର୍ବାଚନ ତାରିଖ ଘୋଷଣା ହେବା ପରେ ଟୁର୍ଣ୍ଣାମେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ। ଏହି ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ୍ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ

ଷ୍ଟାଡିୟମରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ହେବ । ଉଦଘାଟନୀ ମ୍ୟାଚ୍ ପରେ ୨୯ ତାରିଖ ରବିବାର ଦିନ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

୧୦ଟି ସହର ବେଙ୍ଗାଲୁରୁ, ମୁମ୍ବାଇ, ଗୌହାଟୀ, ନ୍ୟୁ ଚଣ୍ଡିଗଡ଼, ଲକ୍ଷ୍ନୌ, କୋଲକାତା, ଚେନ୍ନାଇ, ଦିଲ୍ଲୀ, ଅହମ୍ମଦାବାଦ ଏବଂ ହାଇଦ୍ରାବାଦରେ ମୋଟ ୨୦ଟି ମ୍ୟାଚ୍ ଖେଳାଯିବ।